## କୁକୁଡ଼ା ଚାଷରେ ସଫଳ ଯୁବଚାଷୀ

କୁକୁଡ଼ା ପାଳନ ସମଗ୍ର ଦେଶ ଓ ଆମ ରାଜ୍ୟରେ ଏକ ଲାଭଜନକ ବ୍ୟବସାୟ ରୂପେ ଆଦୃତ ହୋଇପାରିଛି । ଗଞ୍ଜାମ ଜିଲ୍ଲା କୁକୁଡ଼ା ଓ ଅଣ୍ଡା ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ଥାନରେ ରହିଛି । ଏହି କ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆର୍ଯ୍ୟା (ARYA) କାର୍ଯ୍ୟକ୍ରମ ମାଧ୍ୟମରେ ୧୨୦ ଯୁବଚାଷୀ ଭାଇ ଓ ଭଉଣୀମାନଙ୍କୁ କୁକୁଡ଼ାପାଳନ ଉପରେ ତାଲିମ୍ ଦିଆଯାଇଥିଲା । ଲଣ୍ଡାଜୁଆଳି ଗ୍ରାମର ଦ୍ୱିତିକୃଷ୍ଣ ପ୍ରଧାନ ଉକ୍ତ ତାଲିମ୍ ପାଇବା ପରେ ନିଜସ୍ୱ ଉଦ୍ୟମରେ କୁକୁଡ଼ା ପାଳନ ଆରମ୍ଭ କରିଥିଲେ । ପରେ ସରକାରୀ ସହାୟତାରେ କୁକୁଡ଼ା ଘର ପାଇବା ସହ ନିଜ ଫାର୍ମର ପରିସର ବଢ଼ାଇ ଅଣ୍ଡାଦିଆ କୁକୁଡ଼ା ଫାର୍ମ ଏବଂ ଚିଆଁ ଉତ୍ପାଦନ କରୁଛନ୍ତି । ବନରାଜା, ଆର୍.ଆଇ.ଆର୍., ଧଳା ଲେଗ୍ ହର୍ଣ୍ଣ, କାବେରୀ, ଅସିଲ ଆଦି କୁକୁଡ଼ାର ଚିଆଁ ବିକ୍ରି କରି ସେ ବାର୍ଷିକ ହାରାହାରି ଟ.୬୦,୦୦୦/- ଏବଂ ଅଣ୍ଡା, ମାଂସ ବିକ୍ରି କରି ସେ ବାର୍ଷିକ ହାରାହାରି ଟ.୭୦,୦୦୦/- ରୋଜଗାର କରି ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାରର ପାଳନ ପୋଷଣ କରିପାରୁଛନ୍ତି ।




## ଗୁଣାତ୍ମକ ଗୁଡ଼ ପ୍ରସ୍ତୁତିର କ୍ଷେତ୍ର ପରୀକ୍ଷଣ

ଆଖୁ ଚାଷ ଓ ଏଥିରୁ ଗୁଡ଼ ପ୍ରସ୍ତୁତିରେ ଗଞ୍ଜାମ ଜିଲ୍ଲା ଓଡ଼ିଶାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଚାଷୀମାନେ କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍ ପ୍ରୟୋଗ କରି ଗୁଡ଼ ପ୍ରସ୍ତୁତ କରୁଥିବାରୁ ଏହାର ରଙ୍ଗ କଳା ଆସେ ଏବଂ ଏହାର ବଜାର ଦର କମିଯାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ଗୁଣାତ୍ମକ ଗୁଡ଼ ପ୍ରସ୍ତୁତ ଉପରେ ଏକ କ୍ଷେତ୍ର ପରୀକ୍ଷଣ ହୋଇଥିଲା । ଲେପା ଓ ରାଜକୁଣ୍ଡ ଗ୍ରାମର ୭ ଜଣ ମହିଳା ଚାଷୀଙ୍କୁ ନେଇ ପରୀକ୍ଷଣ-୧ରେ ଭେଣ୍ଡିରସ ୫୦୦ ଏମ୍.ଏଲ୍.ରେ ୪୦୦ ଲିଟର ଆଖୁରସରେ ପ୍ରୟୋଗ କରି ଗୁଡ଼ ପ୍ରସ୍ତୁତ କରାଯାଇଥିଲା । ଦ୍ୱିତୀୟ ପରୀକ୍ଷଣରେ ବାଦାମ ବଟା ୫୦୦ ଗ୍ରାମ୍ ୪୦୦ ଲିଟର ଆଖୁରସ ପ୍ରୟୋଗ କରି ଗୁଡ଼ ପ୍ରସ୍ତୁତ କରାଯାଇଥିଲା । ଏହି ପରୀକ୍ଷଣରେ ଗୁଡ଼ର ରଙ୍ଗ ସୁନେଲୀ ବାଦାମୀ ହୋଇଥିଲା । କ୍ୱିଣ୍ଟାଲ ପ୍ରତି ମୋଟ୍ ଲାଭ ପ୍ରଥମ ପରୀକ୍ଷଣରେ ୪୭୦୦ ଟଙ୍କା ଲାଭ ହୋଇଥିଲା ବେଳେ ଦ୍ୱିତୀୟ ପରୀକ୍ଷଣରେ ୫୧୦୦ ଟଙ୍କା ଲାଭ ହୋଇଥିଲା ଏବଂ ଲାଭ ଓ ଖର୍ଚ୍ଚର ଅନୁପାତ ପ୍ରଥମ ପରୀକ୍ଷଣରେ ୨:୧ ହୋଇଥିଲା ବେଳେ ଦ୍ୱିତୀୟ ପରୀକ୍ଷଣରେ ୨.୨୩ ହୋଇଥିଲା । ଏହି ଜ୍ଞାନକୌଶଳକୁ ଆଖୁଚାଷୀ ମାନେ ଆଗ୍ରହ ସହକାରେ ଗ୍ରହଣ କରିଛନ୍ତି ।




## ସମନ୍ୱିତ କୃଷି ଦ୍ୱାରା କୃଷି ଭିତ୍ତିକ ଆୟ ଦ୍ୱିଗୁଣିତ



ପରିବର୍ତ୍ତିତ ଜଳବାୟୁରେ ସମନ୍ୱିତ କୃଷି ଚାଷୀମାନଙ୍କ ନିମନ୍ତେ ଏକ ସମାଧାନର ପନ୍ଥା ରୂପେ ଉଭା ହୋଇଛି । ଏହି ପଦ୍ଧତିରେ ଏକରୁ ଅଧିକ କୃଷିକୁ ମିଶ୍ରିତ ରୂପରେ କରାଯାଇଥାଏ । ଏହାଦ୍ୱାରା କୌଣସି ଗୋଟିଏ ଫସଲ ଦ୍ୱାରା ହେଉଥିବା କ୍ଷତିରୁ ବଞ୍ଚିବା ସହ ଆୟ ମଧ୍ୟ ବଢ଼ି ପାରିଥାଏ । ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ୍‌ର ଏକଘରିଆ ଗ୍ରାମରୁ ମୁନା ପ୍ରଧାନ ସମନ୍ୱିତ କୃଷି ପଦ୍ଧତି ଆପଣାଇ ନିଜ ଆୟକୁ ୩ ବର୍ଷରେ ଦ୍ୱିଗୁଣିତ କରିପାରିଛନ୍ତି । ପ୍ରଥମେ ନିଜର ୪ ଏକର ଜମିରେ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗରରେ ସମନ୍ୱିତ କୃଷି ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧୀୟ ଉନ୍ନତ ଜ୍ଞାନ କୌଶଳ ଉପରେ ତାଲିମ୍ ପାଇବା ପରେ ସେ ସମନ୍ୱିତ କୃଷି ଆରମ୍ଭ କରିଥିଲେ । ଧାନ ଚାଷ ସହ ସେ ପନିପରିବା, ଗୋପାଳନ, କୁକୁଡ଼ା ପାଳନ, ଛତୁ ଚାଷ, ମହୁଚାଷ, ଜିଆଖତ ଓ ଆଜୋଲା ଉତ୍ପାଦନ ଆଦି କରିଥିଲେ । ସମନ୍ୱିତ କୃଷି ଦ୍ୱାରା ସେ ଗୋଟିଏ ଫସଲ ବା ଚାଷର ବର୍ଜ୍ୟବସ୍ତୁକୁ ଅନ୍ୟର ଖାଦ୍ୟ ବା ସାର ରୂପେ ବ୍ୟବହାର କରି ଖର୍ଚ୍ଚ କମାଇ ପାରିଥିଲେ । ଏକ ଏକର ଧାନ ଚାଷରୁ ପାଖାପାଖି ଟ୧୭,୦୦୦/-, ଏକ ଏକର ପରିବା ଚାଷରୁ ବାର୍ଷିକ ଟ.୪୫,୦୦୦/-, ଗୋପାଳନରୁ ବାର୍ଷିକ ଟ.୩୦,୦୦୦/-, କୁକୁଡ଼ା ପାଳନରୁ ବାର୍ଷିକ ଟ.୫୦,୦୦୦/-, ମହୁଚାଷରୁ ବାର୍ଷିକ ଟ.୧୨,୦୦୦/- ପାଇବା ସହ ଜିଆଖତ ଓ ଆଜୋଲା ଚାଷ ଦ୍ୱାରା ସେ ସାର ଓ ଖାଦ୍ୟର ଖର୍ଚ୍ଚକୁ ଅନେକ ପରିମାଣରେ କମାଇ ପାରିଛନ୍ତି । ପ୍ରକୃତ ପକ୍ଷେ ଆଜିର ପରିସ୍ଥିତିରେ ସମନ୍ୱିତ କୃଷି ଚାଷୀମାନଙ୍କୁ ଏକ ନିଶ୍ଚିତ ଆୟର ପନ୍ଥା ଯୋଗାଇ ପାରିବ ।

## କୃଷକ - ବୈଜ୍ଞାନିକ ମତ ବିନିମୟ କାର୍ଯ୍ୟକ୍ରମ



ତା ୨୬.୦୯.୨୦୨୪ ରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ପରିସରରେ ଏକ କୃଷକ ଓ ବୈଜ୍ଞାନିକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡଃ ସୁତନୁ କୁମାର ସତପଥୀ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇଥିଲେ । ସେହିପରି ବିଭିନ୍ନ ବିଭାଗର ବୈଜ୍ଞାନିକ ମାନେ ଯୋଗଦେଇ ଛତୁଚାଷ, ଫୁଲ ଚାଷ, ପନିପରିବା ଚାଷ ଏବଂ ଏହାର ରୋଗ ପୋକ ନିୟନ୍ତ୍ରଣ, କୁକୁଡ଼ା ଚାଷ, ଗୋପାଳନ ଏବଂ ମତ୍ସ୍ୟ ଚାଷ ଇତ୍ୟାଦି ଉପରେ ବୈଷୟିକ ପରାମର୍ଶ ଦେଇଥିଲେ ।

This Newsletter is published & Owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvk.ganjam1@ouat.ac.in, Web : www.ganjamkvkzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003
2024110349



Krishi Vigyan Kendra
Ganjam-I
Odisha University of
Agriculture & Technology
Bhubaneswar

# ଋଷିକୁଲ୍ୟା

### ତ୍ରୈମାସିକ ସମାଚାର ପତ୍ରିକା

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଷୋଡ଼ଶ ବର୍ଷ | ଏପ୍ରିଲ୍-ସେପ୍ଟେମ୍ବର୍ ୨୦୨୪ | ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା

## ବାର୍ତ୍ତା



ଆମ ରାଜ୍ୟର ଅଧିକାଂଶ ଲୋକ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଚାଷ କ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ-ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀଭାଇମାନଙ୍କ ପାଖରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ (ଭଞ୍ଜନଗର) ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୂଲ୍ୟା" ଏକ ଆଲୋକ ବର୍ତ୍ତିକା ସଦୃଶ । ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ, ଚାଷୀଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ମୋର ଆଶା ଓ ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷି ଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ, ଯୁବତୀ, କୃଷିଜୀବି ଓ କୃଷି ସମ୍ପ୍ରସାରଣ ଅଧିକାରୀମାନଙ୍କୁ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୂଲ୍ୟା"ର ସଫଳ କାମନା କରୁଛି ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ସମ୍ପାଦନା

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ**
ଡଃ ସୁତନୁ କୁମାର ଶତପଥୀ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

**ସମ୍ପାଦନା ମଣ୍ଡଳୀ**
ଡଃ ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀମତୀ ଅନୀତା ପାତ୍ର
ଡଃ ସିଦ୍ଧାର୍ଥ ରଣବିଜୁଳୀ
ଏମ୍ ଦିବ୍ୟନାଥ
ଶ୍ରୀ ଶିତିକଣ୍ଠ ମିଶ୍ର

## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ସମାଚାର ପତ୍ରିକା ଋଷିକୁଲ୍ୟାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସ୍ଥାନିତ କରାଯାଇଛି । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି ଓ ଆନୁଷଙ୍ଗିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଆମର କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟକରି ଜିଲ୍ଲାକୁ ଏକ ସର୍ବୋତ୍କୃଷ୍ଟ ଜିଲ୍ଲାରେ ପରିଣତ କରିବାକୁ ସର୍ବଦା ଚେଷ୍ଟିତ । କୃଷକ, କୃଷିଜୀବି ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ ଆମର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନକୌଶଳ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରଚେଷ୍ଟା ଓ କୃଷକମାନଙ୍କର ଅକ୍ଲାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମର ଆଶାକୁ ପୂରଣ କରିବ । ଋଷିକୁଲ୍ୟା ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ।

ସୁତନୁ କୁମାର ଶତପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧

ରଷିକୁଲ୍ୟା

## ଗ୍ରୀଷ୍ମ ଋତୁରେ ପାଳଛତୁ ଚାଷରେ ଆର୍ଦ୍ରତାର ପରିଚାଳନା

ଗଞ୍ଜାମ ଜିଲ୍ଲା ପାଳଛତୁ ଉତ୍ପାଦନରେ ଓଡ଼ିଶାର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏଠାରେ ଚାଷୀମାନେ ଋତୁକାଳୀନ ପାଳଛତୁ ଚାଷ କରନ୍ତି । କିନ୍ତୁ ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ ପାଳଛତୁର ଉତ୍ପାଦନ କମିଯାଏ କାରଣ ଏହି ସମୟରେ ବାୟୁ ମଣ୍ଡଳର ତାପମାତ୍ରା ୪୦° ସେଣ୍ଟିଗ୍ରେଡ୍‌ରୁ ଅଧିକ ହୋଇଥାଏ ଏବଂ ଆର୍ଦ୍ରତା ମଧ୍ୟ କମିଯାଇ ଥାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ବିଭିନ୍ନ ଗ୍ରାମରେ ଥିବା ଛତୁ ଉତ୍ପାଦନ ଗୃହର ଆର୍ଦ୍ରତା ପରିଚାଳନା ନିମନ୍ତେ ଏକ ଆଗଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନରେ ଛତୁ ଉତ୍ପାଦନ ଗୃହର ଚଟାଣରେ ୨ ଇଞ୍ଚ ବାଲି ବିଛାଇ ଦିଆଯାଇଥିଲା ଏବଂ ଫଗର ମାଧ୍ୟମରେ ଛତୁ ଗୃହରେ ଜଳ ସିଞ୍ଚନ କରାଯାଇଥିଲା । ଏହି ପ୍ରଦର୍ଶନରେ ଦେଖାଗଲା ଯେ ପାରମ୍ପରିକ ଉପାୟରେ ଛତୁ ଉତ୍ପାଦନ ବେଡ୍ ପ୍ରତି ୪୭୦ ଗ୍ରାମ୍ ହେଉଥିବା ବେଳେ ଜୈବ ଦକ୍ଷତା ୬.୭% ରହୁଥିଲା ବେଳେ, ବୈଜ୍ଞାନିକ ଉପାୟ ଅବଲମ୍ବନ କରିବା ଦ୍ୱାରା ବେଡ୍ ପ୍ରତି ଛତୁ ଉତ୍ପାଦନ ୮୧୦ ଗ୍ରାମ୍ ହୋଇଥିଲା ଏବଂ ଜୈବ ଦକ୍ଷତା ୧୧.୫% ରହିଥିଲା । ଏହି ଜ୍ଞାନ କୌଶଳକୁ ଛତୁ ଉତ୍ପାଦନ ଚାଷୀମାନେ ଆଗ୍ରହ ସହକାରେ ଗ୍ରହଣ କରିଛନ୍ତି ।



## ଛେଳିଛୁଆର ଯତ୍ନ ଦ୍ୱାରା ଗୋଠର ଉନ୍ନତି

ଛେଳି ପାଳନ ଏକ ଅତ୍ୟନ୍ତ ଲାଭଜନକ ଚାଷ ପଦ୍ଧତି ରୂପେ ପରିଗଣିତ ହୁଏ । ଅଳ୍ପ ଖର୍ଚ୍ଚରେ କ୍ଷୁଦ୍ର ନାମମାତ୍ର ଚାଷୀ ମଧ୍ୟ ଏହାକୁ କରିବା ସହ ଅନେକ କ୍ଷେତ୍ରରେ ବ୍ୟବସାୟିକ ଭିତ୍ତିରେ ଛେଳି ଚାଷ କରାଯାଏ । ତେବେ ଛେଳି ପାଳନରେ ଏକ ପ୍ରମୁଖ ସମସ୍ୟା ହେଉଛି ଛୁଆର ଆକସ୍ମିକ ମୃତ୍ୟୁ । ଛୁଆ ୬ ମାସ ହେବା ପୂର୍ବରୁ ମୃତ୍ୟୁବରଣ କରିବା ଦ୍ୱାରା ଚାଷୀମାନେ ଆର୍ଥିକ କ୍ଷେତ୍ରରେ କ୍ଷତି ସହିଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ଦ୍ୱାରା ଛେଳି ଚାଷୀମାନଙ୍କୁ ନେଇ ଏକ ଉନ୍ନତ ଜ୍ଞାନ କୌଶଳରେ ଛେଳି ଚାଷ ଉପରେ ତାଲିମ୍ ପ୍ରଦାନ କରାଯିବା ସହ, ଛେଳି ଛୁଆ ପାଳନର ଆଦର୍ଶ ପଦ୍ଧତି ଉପରେ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଜନ୍ମ ପରର ଯତ୍ନ ସହ ୩ ମାସରେ କ୍ଷୀର ଛଡ଼ାଇବା, ଦୈନିକ ୧୦୦-୨୦୦ ଗ୍ରାମ୍ ଦାନା ଖୁଆଇବା, ଭିଟାମିନ୍-ଖଣିଜ ଲବଣ ମିଶ୍ରଣ ଦୈନିକ ୨୦ ଗ୍ରାମ୍ ଖୁଆଇବା, ଉପଯୁକ୍ତ ସମୟରେ କୃମିନାଶକ ଆଦି ଦେବା ସହ ପ୍ରତି ସପ୍ତାହରେ ଓଜନ ମାପ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ଦେଖାଯାଇଥିଲା ଯେଉଁ ଚାଷୀମାନେ ଉପରୋକ୍ତ ପଦ୍ଧତି ଆପଣେଇଥିଲେ ସେମାନଙ୍କୁ ଛୁଆ ମୃତ୍ୟୁ ହାର ବହୁ ମାତ୍ରାରେ କମିଯିବା ସହ, ଶରୀର ବୃଦ୍ଧି ମାତ୍ରା ବଢ଼ିଯାଇଥିଲା । ଛୁଆ ମୃତ୍ୟୁ କମ୍ ସହ ଶୀଘ୍ର ଶରୀର ବୃଦ୍ଧି ଯୋଗୁଁ ଗୋଠର ଉନ୍ନତି ହେବା ସହ ଚାଷୀମାନେ ଆର୍ଥିକ ସ୍ତରରେ ମଧ୍ୟ ଅଧିକ ଲାଭ ପାଇଥିଲେ ।



## ଛତୁ ମଞ୍ଜି ପ୍ରସ୍ତୁତିର ଏକ ସଫଳତାର କାହାଣୀ




ଗଞ୍ଜାମ ଜିଲ୍ଲା ଛତୁ ଉତ୍ପାଦନରେ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି । ଭଲ ଛତୁ ଉତ୍ପାଦନ ପାଇଁ ଗୁଣାତ୍ମକ ଛତୁ ମଞ୍ଜିର ଆବଶ୍ୟକତା ପଡ଼ିଥାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ଦ୍ୱାରା Attractive and Retaining Youth in Agriculture (ARYA) କାର୍ଯ୍ୟକ୍ରମ ମାଧ୍ୟମରେ ଛତୁ ଚାଷ ଓ ମଞ୍ଜି ପ୍ରସ୍ତୁତି ନିମନ୍ତେ ତାଲିମ୍ କରାଯାଇ ଆସୁଛି । ଏହା ଫଳରେ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଗ୍ରାମ-ନୂଆକମସର, ବ୍ଲକ୍-ଜଗନ୍ନାଥପ୍ରସାଦ ARYA ମାଧ୍ୟମରେ ତାଲିମ୍ ଗ୍ରହଣ କରି ଏକ ଛତୁ ମଞ୍ଜି ପ୍ରସ୍ତୁତ କେନ୍ଦ୍ର ସ୍ଥାପନ କରିଛନ୍ତି । ଏଥିପାଇଁ ମଧ୍ୟ ସେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ସ୍କିମ୍ ତରଫରୁ ୬,୦୦,୦୦୦ ଟଙ୍କା ଋଣ ପାଇଛନ୍ତି । ଛତୁ ମଞ୍ଜି ଉତ୍ପାଦନ କରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନକୁ ମଞ୍ଜି ପଠାଉଛନ୍ତି । ଆଦିତ ମସ୍‌ରୁମ୍ ସ୍ପନ୍ ନାମରେ ଏକ ମଞ୍ଜି ଉତ୍ପାଦନ କେନ୍ଦ୍ର ଖୋଲି ବାର୍ଷିକ ୩୦,୦୦୦ ମଞ୍ଜି ପ୍ରସ୍ତୁତ କରି ଗଞ୍ଜାମର ବିଭିନ୍ନ ଚାଷୀଙ୍କୁ ଯୋଗାଇ ଆସୁଛନ୍ତି ଏବଂ ବାର୍ଷିକ ହାରାହାରି ୪ ଲକ୍ଷ ଟଙ୍କା ଆୟ କରିପାରୁଛନ୍ତି । ଛତୁ ଚାଷର ପ୍ରସାର ନିମନ୍ତେ ARYA ଏକ ମାଇଲ୍ ଖୁଣ୍ଟ ପ୍ରସ୍ତୁତ କରିପାରିଛି ।

## ମକା କିସମ କଳିଙ୍ଗ ରାଜ୍‌ର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ




ଗଞ୍ଜାମ ଜିଲ୍ଲାରେ ଅଣଧାନ ଫସଲ ଭାବେ ମକା ୧୫୦୦୦ ହେକ୍ଟର ଜମିରେ ଚାଷ କରାଯାଏ । ମାତ୍ର ଅମଳ ହେକ୍ଟର ପ୍ରତି ୩୮.୩ କ୍ୱିଣ୍ଟାଲରେ ସୀମିତ ରହିଛି । ଚାଷୀମାନେ ଉନ୍ନତ କିସମ ବ୍ୟବହାର କରୁନଥିବା ତଥା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଶାନୁରୂପ ଅମଳ ପାଇପାରୁନାହାନ୍ତି । ଏହି ସମସ୍ୟାକୁ ଭିତ୍ତି କରି କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ ଦ୍ୱାରା ବିହୁଡ଼ିବଞ୍ଜର, ବୁଡୁଲି ଓ ତୁଳସୀପଲ୍ଲୀ ଗ୍ରାମରେ ମକାର ଉନ୍ନତ କିସମ କଳିଙ୍ଗ ରାଜ୍‌ର ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ୧୦ ଜଣ ହିତାଧିକାରୀଙ୍କୁ ଏହି ବିହନ ଯୋଗାଇ ଦେବା ସହିତ ବୈଜ୍ଞାନିକ ପ୍ରଣାଳୀରେ ମକା ଚାଷ କରିବା ନିମନ୍ତେ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ଅମଳ ୪୪.୬ କ୍ୱିଣ୍ଟାଲ/ହେକ୍ଟର ହୋଇଥିଲା ।

## ୧୭ତମ ପିଏମ୍ କିଷାନ୍ ସମ୍ମାନନିଧି କାର୍ଯ୍ୟକ୍ରମ




ଚଳିତ ୧୮.୦୬.୨୦୨୪ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ପରିସରରେ ୧୭ତମ ପିଏମ୍ କିଷାନ୍ ସମ୍ମାନନିଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଞ୍ଜନଗର ବିଧାୟକ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡ଼ା ବିଧାୟକ ଶ୍ରୀ ନୀଳମଣୀ ବିଷୋଇ, କୃଷି ମହାବିଦ୍ୟାଳୟର ଡିନ୍ ଶ୍ରୀ ହୃଷିକେଶ ପାତ୍ର, ଉପଜିଲ୍ଲାପାଳ ଶ୍ରୀ ଅନୀଲ କୁମାର ସେଠି, ସହକାରୀ ଜିଲ୍ଲାପାଳ ଶ୍ରୀ ବିଶ୍ୱରଞ୍ଜନ କର ପ୍ରମୁଖ ମଞ୍ଚାସୀନ ଥିଲେ । ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନନିଧିର ୧୭ମ କିସ୍ତି ଚାଷୀମାନଙ୍କୁ ପ୍ରଦାନର ସିଧା ପ୍ରସାରଣ ହୋଇଥିଲା । କୃଷି ଓ ଆନୁଷଙ୍ଗିକ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ରୋଜୀ ବରଡ଼ ଏବଂ ଅନ୍ୟାନ୍ୟ ଲୋକ ପ୍ରତିନିଧି ମଧ୍ୟ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ପୁରୁଷ ଓ ମହିଳା ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସ୍ୱାଗତ ଭାଷଣ ଦେଇଥିଲାବେଳେ ବୈଜ୍ଞାନିକ ଓ ଶ୍ରୀମତୀ ଅନୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱଚ୍ଛ ଭାରତ ପକ୍ଷ ପାଳନ




କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ସେପ୍ଟେମ୍ବର ୧୬ ରୁ ଅକ୍ଟୋବର ୨ ମଧ୍ୟରେ ସ୍ୱଚ୍ଛ ଭାରତ ପକ୍ଷ ପାଳନ କରାଯାଇଥିଲା । ଏହି ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା, ଯେପରିକି ସଚେତନତା ଶିବିର, ଅଫିସ୍ ଏବଂ ଫ୍ରାମ୍ ସଫେଇ, ରେଡ୍ ସୋ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ଗ୍ରାମରେ ସଚେତନତା ଶିବିର କରି ଚାଷୀମାନଙ୍କୁ ଗ୍ରାମ ପରିବେଶ ସଫା ରଖିବା, ଶୌଚାଳୟ ବ୍ୟବହାର କରିବା, ଗାଁ ପୋଖରୀ ସଫା ରଖିବା, ଆବର୍ଜନାକୁ ଜିଆ ଖତ ପ୍ରସ୍ତୁତ କରାଇବା ଆଦି ବିଷୟରେ ସଚେତନ କରାଯାଇଥିଲା । ଏହ ପରିପ୍ରେକ୍ଷୀରେ ପର୍ଯ୍ୟଟନ ସ୍ଥଳି, ମନ୍ଦିର ସଫା, ଗାଁ ସଫା ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା ।

## ପରିବର୍ତ୍ତିତ ଜଳବାୟୁରେ ଶ୍ରୀ ଅନ୍ନ ମାଣ୍ଡିଆ ଚାଷ : ଏକ ସ୍ଥିର ଆୟର ସ୍ରୋତ

ଜଳବାୟୁ ପରିବର୍ତ୍ତନ ଅଧୁନା ସମୟରେ କୃଷି ଓ କୃଷକଙ୍କ ପ୍ରତି ଏକ ବିପଦ ରୂପେ ଦଣ୍ଡାୟମାନ ହୋଇଛି । ଶସ୍ୟ, ପନିପରିବା, ପ୍ରାଣୀପାଳନ ଭଳି ପାରମ୍ପରିକ କୃଷି ଏହାଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଉତ୍ପାଦନ କମିବା ସହ ଚାଷୀମାନଙ୍କ ଆୟ ମଧ୍ୟ ପ୍ରଭାବିତ ହେଉଛି । ତେବେ ଓଡ଼ିଶାର ପ୍ରାଚୀନ ଶସ୍ୟ ମାଣ୍ଡିଆ ପରିବର୍ତ୍ତିତ ଜଳବାୟୁରେ ବିଶେଷ ପ୍ରଭାବିତ ହୋଇ ନଥାଏ । ଉନ୍ନତ ମାଣ୍ଡିଆ କିସମ (ଓୟୁଏଟି ବିକଶିତ) ଅର୍ଜୁନ ଚାଷ ଦ୍ୱାରା ଚାଷୀମାନେ ଜଳବାୟୁ ପରିବର୍ତ୍ତନ, ଜଳାଭାବ ସମୟରେ ମଧ୍ୟ ଭଲ ଅମଳ ପାଇପାରିବେ । କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ଦ୍ୱାରା ଏହି ମାଣ୍ଡିଆ କିସମ ଅର୍ଜୁନର କ୍ଷେତ୍ର ପ୍ରଦର୍ଶନ NICRA ପ୍ରକଳ୍ପ ମାଧ୍ୟମରେ ଲେପା ଗ୍ରାମରେ କରାଯାଇଥିଲା । ବର୍ଷା ଅଭାବ ଜନିତ ସମସ୍ୟାରେ ଧାନ ଓ ଅନ୍ୟ ଶସ୍ୟ ପ୍ରଭାବିତ ହୋଇଥିବା ବେଳେ ମାଣ୍ଡିଆ ବିଶେଷ ଭାବେ ପ୍ରଭାବିତ ହୋଇନଥିଲା । ଏକର ପ୍ରତି ଅମଳ ୫୪୨ କି.ଗ୍ରା. ରହିବା ଫଳରେ ଏହା ଚାଷୀମାନଙ୍କୁ ଭଲ ଆୟ ଯୋଗାଇ ପାରିଥିଲା । ପରିବର୍ତ୍ତିତ ଜଳବାୟୁରେ ମାଣ୍ଡିଆ ଏକ ସ୍ଥିର ଆୟର ସ୍ରୋତ ଭାବେ ଚାଷୀମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିପାରିବ ।



## ଗାଜର ଘାସ ସମ୍ବନ୍ଧୀୟ ସଚେତନତା ସପ୍ତାହ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅଗଷ୍ଟ ମାସ ୨୧ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗାଜର ଘାସ ସମ୍ବନ୍ଧୀୟ ସଚେତନତା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗାଜର ଘାସ କିପରି ପରିବେଶ ପ୍ରତି ଏକ ମୁଖ୍ୟ ସମସ୍ୟା ରୂପ ନେଇଛି ଏବଂ ଏହା ଦ୍ୱାରା ବ୍ୟାପୁଥିବା ବିଭିନ୍ନ ରୋଗ ଉପରେ ଆଲୋକପାତ କରାଯାଇଥିଲା ଏବଂ ଏହାକୁ ଦମନ କରିବା ପାଇଁ ବ୍ୟବହାର କରାଯାଉଥିବା ବିଭିନ୍ନ ଔଷଧ ଓ କମ୍ପୋଷ୍ଟ ମାଧ୍ୟମରେ ଏହାର ସଦୁପଯୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ମହିଳା ଓ ପୁରୁଷ ଚାଷୀମାନେ ଗାଜର ଘାସକୁ ଉତ୍ପାଟନ କରି ଏହାକୁ କମ୍ପୋଷ୍ଟ କରିବା ପାଇଁ ପଦକ୍ଷେପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଶ୍ରୀଯୁକ୍ତ ଡଃ ସୁତନୁ କୁମାର ଶତପଥୀ ସଭାପତିତ୍ୱ କରି ଗାଜର ଘାସର ନିରାକରଣ ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ବୈଜ୍ଞାନିକମାନେ ଏହାର ପରିବେଶ ପ୍ରତି କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ କୃଷକ ଓ କୃଷିଜୀବି ମହିଳା ଯୋଗ ଦେଇଥିଲେ ।

